ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/SSEPD (OD)/1185/04-11-2023

# ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ ଦ୍ୱାରା ପାରା ଏସୀୟ ଗେମ୍ସ ବିଜେତା ସମ୍ବର୍ଦ୍ଧିତ

ଭୁବନେଶ୍ୱର, ତା.୦୪/୧୧/୨୦୨୩

ପାରା ଏସିଆନ୍ ଗେମ୍ସରେ ଅସାଧାରଣ କୃତିତ୍ୱ ଅର୍ଜନ କରି ଓଡ଼ିଶାକୁ ଗର୍ବିତ କରିଥିବା ବ୍ୟାଡ୍‌ମିଣ୍ଟନ୍ ତାରକା ପ୍ରମୋଦ ଭଗତ ଓ ଚେସ୍ ଖେଳାଳୀ ସୌନ୍ଦର୍ଯ୍ୟ କୁମାର ପ୍ରଧାନ ଭବିଷ୍ୟତରେ ଓଡ଼ିଶା ପାଇଁ ଅଧିକ ସଫଳତା ଆଣିବେ ବୋଲି ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତୀ ହରିଚନ୍ଦନ ଉଲ୍ଲେଖ କରିଛନ୍ତି । ଆଜି ଅପରାହ୍ଣରେ ତୋଷାଳୀ ଭବନରେ ଭିନ୍ନକ୍ଷମ ଆୟୋଗ ଆନୁକୂଲ୍ୟରେ ଆୟୋଜିତ ଏକ ସମ୍ବର୍ଦ୍ଧନା ପର୍ବରେ କୃତୀ କ୍ରୀଡ଼ାବିତ୍ ପ୍ରମୋଦ ଓ ସୌନ୍ଦର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରି ଶ୍ରୀମତୀ ହରିଚନ୍ଦନ କହିଲେ ଯେ ରାଜ୍ୟର ଯୁବ ଖେଳାଳୀମାନେ ଏପରି କୃତିତ୍ୱରେ ଅଧିକ ଅନୁପ୍ରେରିତ ଓ ଉତ୍ସାହିତ ହେବେ ।

ଏହି କାର୍ଯ୍ୟକ୍ରମରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶକ ଦିଲ୍ଲୀପ କୁମାର ରାୟ ଓ ପାରା ସ୍ପୋର୍ଟସ ଅସୋସିଏସନ୍‌ର ସଭାପତି କମଳାକାନ୍ତ ରଥ ମଧ୍ୟ ଉପସ୍ଥିତ ରହି ଖେଳାଳୀଦ୍ୱୟ ଓ ଅନ୍ୟ ଅଂଶଗ୍ରହଣକାରୀ କ୍ରୀଡ଼ାବିତ୍‌ମାନଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ ।

ସୂର୍ଯ୍ୟ ମିଶ୍ର
ସୂଚନା ଅଧିକାରୀ